CLAP HUNGRY FOR JUSTICE

# ବାଲ୍ୟ ବିବାହ ନିଷେଧ ଅଧିନିୟମ, ୨୦୦୬

AMPLIFYCHANGE

## ନିବାରଣ (Prevention)

୧) ନ୍ୟାୟାଳୟର ଆଦେଶନାମାକୁ ଅବମାନନା କରି ଯଦି ବାଲ୍ୟ ବିବାହ ସମ୍ପାଦନ କରାଯାଇଥାଏ ତେବେ ବିବାହଟି ରଦ୍ଦ **(Void)** ବୋଲି ଘୋଷଣା କରାଯାଇରିବ ।(ଧାରା-୧୪)

୨) ଶିଶୁଟିକୁ ଯଦି ଆଇନ୍‌ଗତ ପିତାମାତା ବା ଅଭିଭାବକଙ୍କଠାରୁ ପ୍ରଲୋଭନ ଦେଖାଇ କିମ୍ବା ବଳ ପୂର୍ବକ ନେଇ ବା ଠକିକରି ବା ଧୋକାଦେଇ ବା ବେଆଇନ୍ ଭାବରେ ନେଇ ବିବାହ କରାଯାଇଥାଏ କିମ୍ବା ବିବାହ କରିବା ଉଦ୍ଦେଶ୍ୟରେ ଅନ୍ୟକୁ ବିକ୍ରିକରି ଦିଆଯାଇଥାଏ, ତେବେ ସେହି ବିବାହଟି ରଦ୍ଦ ଅଟେ। (ଧାରା-୧୨)

୩) ବାଲ୍ୟ ବିବାହ ସମ୍ପାଦନ କରିବା ଏକ ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ।(ଧାରା-୧୫)


୪) ବାଲ୍ୟ ବିବାହକୁ ନିଷେଧ କରିବା ପାଇଁ ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତିର ବ୍ୟବସ୍ଥା ରହିଛି । ବାଲ୍ୟ ବିବାହ ବିରୁଦ୍ଧରେ ସଚେତନ ସୃଷ୍ଟିକରିବା ଏବଂ ତାର କୁପରିଣାମ ବିଷୟରେ ବୁଝେଇବା ହେଲା ସେମାନଙ୍କର ଦାୟୀତ୍ୱ । (ଧାରା ୧୬)

୫) ବାଲ୍ୟ ବିବାହ ବିରୁଦ୍ଧରେ ନିଷେଧାଦେଶ ଜାରି କରିବାର କ୍ଷମତା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ନ୍ୟାୟଧୀଶଙ୍କ ପାଖରେ ରହିଛି ।(ଧାରା-୧୩(କ))

## ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ (Prosecution)

୧) ୧୮ ବର୍ଷ ବୟସରୁ ଅଧିକ ପୁରୁଷ ବ୍ୟକ୍ତି ଯଦି ଏକ ଶିଶୁକନ୍ୟାକୁ ବିବାହ କରନ୍ତି, ତେବେ ସର୍ବାଧିକ ୨ ବର୍ଷର ସଶ୍ରମ କାରାଦଣ୍ଡ କିମ୍ବା / ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ଏହି ଆଇନ୍‌ରେ ରହିଛି ।(ଧାରା-୯)

୨) ଯେଉଁମାନେ ବାଲ୍ୟ ବିବାହ ସମ୍ପାଦନ କରିଥିବେ ବା ପରିଚାଳନା କରିଥିବେ କିମ୍ବା ବାଲ୍ୟ ବିବାହ ପାଇଁ ନିର୍ଦ୍ଦେଶ ଦେଇଥିବେ ବା ସାହାଯ୍ୟ କରିଥିବେ, ତେବେ ସେମାନଙ୍କ ପାଇଁ ସର୍ବାଧିକ ୨ବର୍ଷର ସଶ୍ରମ କାରାଦଣ୍ଡ କିମ୍ବା / ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ଆଇନ୍‌ରେ ରହିଛି ।



## ସୁରକ୍ଷା (Protection)

୧) ବାଲ୍ୟ ବିବାହରେ ଆବଦ୍ଧ ହୋଇଥିବା ଶିଶୁମାନେ ଯଦି ସେହି ବିବାହକୁ ବାତିଲ୍ କରିବା ପାଇଁ ଇଚ୍ଛାପ୍ରକାଶ କରନ୍ତି, ତେବେ ଏହା ଆଇନ୍ ଅନୁଯାୟୀ ଶୂନ୍ୟକରଣୀୟଯୋଗ୍ୟ ।(ଧାରା-୩)

୨) ଏହି ଆଇନ୍ ଅନୁସାରେ ବାଲ୍ୟବଧୂମାନେ ଭରଣପୋଷଣ ପାଇବା ଯୋଗ୍ୟ ଏବଂ ଜିଲ୍ଲା ନ୍ୟାୟାଳୟଙ୍କ ଆଦେଶକ୍ରମେ ସେମାନଙ୍କର ରହିବାର ବନ୍ଦୋବସ୍ତ କରାଯାଇପାରିବ ।(ଧାରା-୪)

୩) ବାଲ୍ୟ ବିବାହକୁ ରଦ୍ଦ ଘୋଷଣା କରୁଥିବା ସମୟରେ ନ୍ୟାୟାଧୀଶ ବିବାହ ସମୟରେ ଦିଆନିଆ ହୋଇଥିବା ସମସ୍ତ ଟଙ୍କା, ମୂଲ୍ୟବାନ ପଦାର୍ଥ ବା ଅଳଙ୍କାର ସବୁ ଫେରସ୍ତ କରିବା ପାଇଁ ଆଦେଶ ଜାରି କରିପାରିବେ। (ଧାରା-୩)

୪) ବାଲ୍ୟ ବିବାହରେ ଜନ୍ମ ନେଇଥିବା ସନ୍ତାନ ବୈଧ ଏବଂ ସେମାନଙ୍କର ଭରଣପୋଷଣ ଓ ତତ୍ତ୍ୱାବଧାନର ବ୍ୟବସ୍ଥା ଆଇନ୍‌ରେ ରହିଛି ।(ଧାରା-୬)

୫) ବାଲ୍ୟ ବିବାହରେ ପ୍ରଭାବିତ ଶିଶୁମାନଙ୍କୁ ଆବଶ୍ୟକୀୟ ସାହାଯ୍ୟ ଓ ଆଇନ୍ ସହାୟତା ଦେବା ଏବଂ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ, ଶିଶୁ କଲ୍ୟାଣ ସମିତି ସାମ୍ନାରେ ହାଜର କରିବାର କ୍ଷମତା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କର ରହିଛି ।(ଧାରା-୫)

**Published by:**
CLAP Legal Service Institute
Bimala Devi Memorial Building
Plot No- 367, Sector -6, Marakat Nagar,
Cuttack-753014, Odisha, India
Website: www.clapindia.org, E-mail: info@clapindia.org
Ph: 0671- 2363980 / 2365680, Fax: 0671-2363454